# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 7 October – 2026

********************************

## ମୁଖ୍ୟ ସମ୍ବାଦ

- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ତାଙ୍କ ସାର୍ବଜନୀନ ଜୀବନରେ ପୂରଣ କରିଛନ୍ତି ୨୫ ବର୍ଷ

– ବେଦରୁ ବିବେକାନନ୍ଦ ପର୍ଯ୍ୟନ୍ତ ଭାରତ ସର୍ବଦା ମହାନ୍ ଚିନ୍ତାଧାରା ଓ ମାନବିକତାର ବାର୍ତ୍ତାକୁ ଆଗକୁ ନେଇଛି; କହିଲେ ପ୍ରଧାନମନ୍ତ୍ରୀ; ନୂଆଦିଲ୍ଲୀଠାରେ ବିକଶିତ ଭାରତ ସଂକଳ୍ପସଭାକୁ କଲେ ସମ୍ବୋଧନ

- ରେପୋରେଟ୍ ହାରକୁ ୨୫ ବେସିସ୍ ବୃଦ୍ଧି କଲା ଭାରତୀୟ ରିଜର୍ଭ ବ୍ୟାଙ୍କ

- ରାଜ୍ୟରେ ସ୍ୱତନ୍ତ୍ର ସଘନ ସଂଶୋଧନ ମତଦାତା ତାଲିକାକୁ ଅଧିକ ସ୍ୱଚ୍ଛ କରିବା ପାଇଁ ଆଜିଠୁ ଆରମ୍ଭ ହେଲା ସ୍ୱତନ୍ତ୍ର ଅଭିଯାନ

ଏବଂ

- ପୁରୀଠାରେ ପ୍ରସ୍ତାବିତ ଶ୍ରୀଜଗନ୍ନାଥ ଗ୍ରୀନଫିଲ୍ଡ ବିମାନବନ୍ଦରକୁ ମିଳିଲା ପରିବେଶ ମଞ୍ଜୁରୀ

# ପିଏମ୍-ବିକଶିତ ଭାରତ ସଂକଳ୍ପ

ବେଦରୁ ବିବେକାନନ୍ଦ ପର୍ଯ୍ୟନ୍ତ ଭାରତ ସର୍ବଦା ମହାନ୍ ଚିନ୍ତାଧାରା ଓ ମାନବିକତାର ବାର୍ତ୍ତାକୁ ଆଗକୁ ନେଇ ଆସିଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି। ନୂଆଦିଲ୍ଲୀଠାରେ 'ବିକଶିତ ଭାରତ ସଂକଳ୍ପ ସଭା'କୁ ସମ୍ବୋଧନ କରି ଶ୍ରୀ ମୋଦୀ କହିଛନ୍ତି, ଦେଶର ଜନସାଧାରଣଙ୍କ ବିଶ୍ୱାସ ଏବଂ କୋଟି କୋଟି ଦଳୀୟ କର୍ମକର୍ତ୍ତାଙ୍କ ସମର୍ପଣ ତାଙ୍କ ପାଇଁ ସବୁଠାରୁ ବଡ଼ ପ୍ରେରଣା।

**V/O**

ପ୍ରଧାନମନ୍ତ୍ରୀ କହିଛନ୍ତି, ଏହି ୨୫ ବର୍ଷର ଜନବିଶ୍ୱାସ ଓ ଅନୁଭବ ତାଙ୍କ ପାଇଁ ସବୁଠୁ ବଡ଼ ପୁଞ୍ଜି। ଜୀବନର ପ୍ରତ୍ୟେକ ଯାତ୍ରା ତାଙ୍କୁ ନୀତି ନିର୍ଦ୍ଧାରଣରେ ସମ୍ବେଦନଶୀଳତା ଆଣିବା ଶିଖାଇଛି। ଏବେ ଭାରତ ପାଇଁ ଏକ ବଡ଼ ଲକ୍ଷ୍ୟ ସ୍ଥିର କରିବାର ସମୟ ଉପନୀତ ହୋଇଛି । ପୂର୍ବରୁ ଆମେ ଆମଦାନୀ ଉପରେ ଅଧିକ ନିର୍ଭର କରୁଥିବା ବେଳେ ଏବେ ରପ୍ତାନୀ ରେକର୍ଡ ସୃଷ୍ଟି କରୁଛି ବୋଲି ଶ୍ରୀ ମୋଦୀ କହିଛନ୍ତି। ନାଗରିକଙ୍କ ବିଶ୍ୱାସ ଓ ସମର୍ଥନ' ତାଙ୍କ ରାଜନୈତିକ ଯାତ୍ରାର ଶ୍ରେୟ ବୋଲି ଉଲ୍ଲେଖ କରି ଶ୍ରୀ ମୋଦୀ ସରକାରଙ୍କ ନାଗରିକ କୈନ୍ଦ୍ରିକ ନୀତି ପ୍ରସ୍ତୁତି ଉପରେ ଆଲୋକପାତ କରିଛନ୍ତି । ଗତ ୧୨ ବର୍ଷ ମଧ୍ୟରେ ଦେଶର ବିଭିନ୍ନ କ୍ଷେତ୍ରରେ ସଂସ୍କାରମୂଳକ ପରିବର୍ତ୍ତନ ଲକ୍ଷ୍ୟ କରାଯାଇଛି ।

# ସଂକଳ୍ପ ସଭା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସାର୍ବଜନୀନ ଜୀବନର ଯାତ୍ରା ଆଜି ୨୫ ବର୍ଷ ପୂରଣ କରିଛି । ଏହି ଉପଲକ୍ଷେ ଦେଶର ୭୫୦ଟି ଜିଲ୍ଲା ମୁଖ୍ୟାଳୟରେ ବିକଶିତ ଭାରତ ସଂକଳ୍ପ ସଭା ଅନୁଷ୍ଠିତ ହେଉଛି। ଜନସାଧାରଣଙ୍କ ବିଶ୍ୱାସ, ଶାସନର ମୂଳଆଧାର ଏହି ନୀତିକୁ ପ୍ରଧାନମନ୍ତ୍ରୀ ଗତ ୨୫ ବର୍ଷ ଧରି ପ୍ରତ୍ୟେକ କାର୍ଯ୍ୟରେ ପ୍ରତିଫଳିତ କରିଛନ୍ତି। ଭାରତକୁ ଏକ ବିକଶିତ ରାଷ୍ଟ୍ରରେ ପରିଣତ କରିବା ପାଇଁ ତାଙ୍କର ନିରନ୍ତର ପ୍ରୟାସ ଜାରି ରହିଛି। ତାଙ୍କ ମାର୍ଗଦର୍ଶନରେ ଦେଶ ଆଜି ବିଶ୍ୱସ୍ତରରେ ଏକ ସଶକ୍ତ, ଆତ୍ମନିର୍ଭରଶୀଳ ମହାଶକ୍ତିଭାବେ ଉଭା ହୋଇଛି। ୨୦୦୧ ମସିହା ଆଜିର ଦିନରେ ଗୁଜୁରାଟରୁ ଆରମ୍ଭ ହୋଇଥିବା ସେବାଯାତ୍ରା ଆଜି ଭାରତକୁ ବିଶ୍ୱମଞ୍ଚରେ ପ୍ରତିଷ୍ଠିତ କରିଛି। ଏହି ଅବସରରେ ଖୋର୍ଦ୍ଧାର ହାବେଳି ପଡ଼ିଆଠାରେ ଆୟୋଜିତ ବିକଶିତ ଭାରତ ସେବା ସଂକଳ୍ପ ସଭା ତଥା ସେବା ଜ୍ୟୋତିଯାତ୍ରା କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ କହିଛନ୍ତି, ଦେଶର ଜନସାଧାରଣଙ୍କ ଆଶୀର୍ବାଦ ଫଳରେ ପ୍ରଧାନମନ୍ତ୍ରୀ ଦୀର୍ଘ ସମୟ ପର୍ଯ୍ୟନ୍ତ ନିର୍ବାଚିତ ହୋଇ ନିରନ୍ତର ସେବା ଯୋଗାଇ ଆସୁଅଛନ୍ତି। ତାଙ୍କ ନିସ୍ୱାର୍ଥପର ଜନସେବା କାରଣରୁ ସେ ଗତ ୧୨ ବର୍ଷରେ ଦେଶର ବିକାଶକୁ ନୂତନ ଗତି ପ୍ରଦାନ କରିଛନ୍ତି।

- V/O -

ଏହି ଅବସରରେ ବିକଶିତ ଭାରତ ୨୦୪୭ର ଦୃଢ଼ ସଂକଳ୍ପ ଗ୍ରହଣ ଓ ସେବା ଜ୍ୟୋତି ପ୍ରଜ୍ୱଳନ ପୂର୍ବକ ପଦଯାତ୍ରା ଆୟୋଜିତ ହୋଇଯାଇଛି।

ପ୍ରଧାନମନ୍ତ୍ରୀଙ୍କ ୨୫ ବର୍ଷର ସୁଶାସନ ଓ ଜନସେବା ସମସ୍ତଙ୍କୁ ଅନୁପ୍ରାଣିତ କରୁଛି ବୋଲି ସାଂସଦ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଏହି ଅବସରରେ ଅନୁଗୁଳର ତୁରଙ୍ଗଠାରେ ଅଙ୍ଗନବାଡ଼ି, ଆଶାକର୍ମୀ ଓ ହିତାଧିକାରୀଙ୍କ ଏକ ସ୍ୱାଗତ, ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରତ୍ୟେକ ଶିଶୁଙ୍କୁ ସମାଜର ମୁଖ୍ୟଧାରାରେ ସାମିଲ କରି ସେମାନଙ୍କ ବିକାଶ କରିବା ସମସ୍ତଙ୍କ ନୈତିକ କର୍ତ୍ତବ୍ୟ। ଶିଶୁଙ୍କ ସୁସ୍ଥ ଜୀବନ, ସ୍ୱଚ୍ଛ ପରିବେଶ ଓ ନିଶାମୁକ୍ତ ସମାଜ ଗଠନ ପାଇଁ ଏହି ସଂକଳ୍ପକୁ ଏକ ସଶକ୍ତ ଜନଆନ୍ଦୋଳନରେ ପରିଣତ କରିବାକୁ ସାଂସଦ ଶ୍ରୀ ପ୍ରଧାନ ଦେଇଛନ୍ତି।

M.giri/BHK/Kalahandi/Raygada/Nabarangpur

## ସେବା ସଂକଳ୍ପ ଅଭିଯାନ

ରାଜ୍ୟର ବିଭିନ୍ନ ସ୍ଥାନରେ ସେବା ସଂକଳ୍ପ ଅଭିଯାନ ଆୟୋଜିତ ହୋଇଯାଇଛି।

ନବରଙ୍ଗପୁର ଜିଲ୍ଲାର ଉମରକୋଟଠାରେ ବିକଶିତ ଭାରତ ସଂକଳ୍ପଯାତ୍ରାରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମୁଖ୍ୟ ଅତିଥିଭାବେ ଯୋଗଦେଇ ସରକାରୀ ଯୋଜନା ଲୋକକଲ୍ୟାଣମୂଳକ

କାର୍ଯ୍ୟକ୍ରମର ସୁଫଳ ସମସ୍ତଙ୍କ ନିକଟରେ ପହଞ୍ଚାଇବା ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ବୋଲି କହିଛନ୍ତି।

ଭଦ୍ରକ ନୂଆ ବସ୍‌ଷ୍ଟାଣ୍ଡଠାରୁ ସେବା ଜ୍ୟୋତି ଯାତ୍ରା ନୂଆବଜାର ଗାନ୍ଧୀ ପଡ଼ିଆ ପର୍ଯ୍ୟନ୍ତ ପରିକ୍ରମା କରିଥିଲା। ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ସାଂସଦ ଅଭିମନ୍ୟୁ ସେଠୀ ପ୍ରମୁଖ ଯୋଗଦେଇ ବିକଶିତ ଭାରତ ଗଠନ ପାଇଁ ସମସ୍ତଙ୍କୁ ସଂକଳ୍ପ ନେବାକୁ ଆହ୍ୱାନ ଦେଇଥିଲେ।

ରାୟଗଡ଼ା ପିଏମ୍‌ଶ୍ରୀ ଗୋବିନ୍ଦ ଚନ୍ଦ୍ରଦେବ ହାଇସ୍କୁଲ ପଡ଼ିଆରେ ଆୟୋଜିତ କାର୍ଯ୍ୟକ୍ରମରେ ବରିଷ୍ଠ ନେତାମାନେ ଉପସ୍ଥିତ ରହି ସଂକଳ୍ପ ଶପଥପାଠ କରାଇଥିଲେ।

କଳାହାଣ୍ଡି ଜିଲ୍ଲା ଭବାନୀପାଟଣାସ୍ଥିତ ଲାଲବାହାଦୂର ଶାସ୍ତ୍ରୀ ଷ୍ଟାଡିୟମ୍‌ରେ ଆୟୋଜିତ କାର୍ଯ୍ୟକ୍ରମରେ ସାଂସଦ ମାଳବିକା ଦେବୀ, ବିଧାୟକ ସୁଧିର ରଞ୍ଜନ ପଟ୍ଟଯୋଶୀ ପ୍ରମୁଖ ଯୋଗଦେଇ ବିକଶିତ ଭାରତ ଓ ବିକଶିତ ଓଡ଼ିଶା ଗଠନ ସହ ସମଗ୍ର ବିଶ୍ୱକୁ ଶାନ୍ତିର ବାର୍ତ୍ତା ପ୍ରଦାନ କରିବା ପାଇଁ ଦୃଢ଼ ସଂକଳ୍ପପତ୍ର ପାଠ କରିଥିଲେ।

ମାଲକାନଗିରି ସଦର ମହକୁମାଠାରେ ଜିଲ୍ଲା ପ୍ରଶାସନ ପକ୍ଷରୁ ବିକଶିତ ଭାରତ ସଂକଳ୍ପ ସଭା ସେବା ଜ୍ୟୋତି ଯାତ୍ରା ଅନୁଷ୍ଠିତ ହୋଇଯାଇଛି।

Desk

## ରେପୋରେଟ୍ ବୃଦ୍ଧି

ଭାରତୀୟ ରିଜର୍ଭବ୍ୟାଙ୍କ-ଆର୍‌ବିଆଇ ଆଜି ରେପୋ ହାରକୁ ୨୫ ବେସିସ୍ ପଏଣ୍ଟ ବୃଦ୍ଧି କରିଛି । ଫଳରେ ଏହା ୫ଦଶମିକ ୫ ପ୍ରତିଶତରେ ପହଞ୍ଚିଛି, ଯାହା ଫେବୃୟାରୀ ୨୦୨୩ ପରଠାରୁ ବେଞ୍ଚମାର୍କ ହାରରେ ପ୍ରଥମ ବୃଦ୍ଧି । ୨୦୨୫ ମସିହାରେ ମୋଟ୍ ୧୨୫ ବେସିସ୍ ପଏଣ୍ଟ ହ୍ରାସ କରିବା ପରେ ଆରବିଆଇ ଗତ ୪ଟି ମୁଦ୍ରାନୀତି ସମୀକ୍ଷାରେ ରେପୋ ହାରକୁ ୫ ଦଶମିକ ୨/୫ ପ୍ରତିଶତରେ ଅପରିବର୍ତ୍ତିତ ରଖିଥିଲା ।

ଖୁଚୁରା ମୁଦ୍ରାସ୍ଫୀତି ଏବଂ ଅଶୋଧିତ ତୈଳ ଦର ବୃଦ୍ଧି ପୃଷ୍ଠଭୂମିରେ ଏହି ହାର ବଢ଼ିଛି । ୬ ଜଣିଆ ମୁଦ୍ରାନୀତି କମିଟି ପକ୍ଷରୁ  ଏଭଳି ନିଷ୍ପତ୍ତି ନିଆଯାଇଛି ।

Desk

## ଏସ୍‌ଆଇଆର୍

ରାଜ୍ୟରେ ସ୍ୱତନ୍ତ୍ର ସଘନ ସଂଶୋଧନ-ଏସ୍‌ଆଇଆର୍ ମତଦାତା ତାଲିକାକୁ ଅଧିକ ସ୍ୱଚ୍ଛ କରିବା ଉଦ୍ଦେଶ୍ୟରେ ଆଜିଠାରୁ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ ହୋଇଛି । ୩ ଦିନ ଧରି ଚାଲିବାକୁ ଥିବା ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଏସ୍‌ଆଇଆର୍ ପ୍ରକ୍ରିୟାରେ ବାଦ୍ ପଡ଼ିଥିବା ଯୋଗ୍ୟ ଭୋଟରମାନଙ୍କୁ ପୁନଃ ଭୋଟର ତାଲିକାରେ ସାମିଲ ଓ ନୂତନ ଭାବେ ଯୋଗ୍ୟ ହୋଇଥିବା ଯୁବଭୋଟରମାନଙ୍କୁ ଏଥିରେ ସାମିଲ କରିବା ।

ଯୋଗ୍ୟ ଯୁବ ଭୋଟରମାନେ ଫର୍ମ-୬ ମାଧ୍ୟମରେ ପଞ୍ଜୀକରଣ ପାଇଁ ବୁଥ୍ ସ୍ତରୀୟ ଅଧିକାରୀଙ୍କ ନିକଟରେ ଆବେଦନ କରିପାରିବେ ।

Nuapada

## ସେବା ସଂକଳ୍ପ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସାର୍ବଜନୀନ ଜୀବନରେ ୨୫ ବର୍ଷ ପୂରଣ କରିଛନ୍ତି । 'ଜନସେବାରୁ ଦେଶସେବା' ମନ୍ତ୍ରକୁ ଆଧାର କରି ତାଙ୍କର ଏହି ଜୟଯାତ୍ରା ଜାରି ରହିଛି । 'ସେବା ଓ ସୁଶାସନ'ର ଏହି ଦୃଷ୍ଟିକୋଣକୁ ନେଇ ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନର ଲକ୍ଷ୍ୟ ହାସଲ ଦିଗରେ ସରକାର ନିରନ୍ତର କାର୍ଯ୍ୟ କରୁଛନ୍ତି । ସମାବେଶୀ ବିକାଶ ଓ ସାମାଜିକ ସଶକ୍ତିକରଣ ମାଧ୍ୟମରେ ଏହି ପ୍ରୟାସ ଜନଜୀବନରେ ପରିବର୍ତ୍ତନ ଆଣିଛି । ସେବାସଂକଳ୍ପର ଆଜିର ଧାରାବାହିକରେ ଶୁଣନ୍ତୁ **"ପିଏମ୍-ବିଶ୍ୱକର୍ମା ସମ୍ପର୍କରେ"** ସମ୍ପର୍କରେ...

ପ୍ରଧାନମନ୍ତ୍ରୀ ବିଶ୍ୱକର୍ମା ଯୋଜନା-୨୦୨୩ ମସିହା ସେପ୍ଟେମ୍ବର ମାସ ୧୭ ତାରିଖରେ ଆରମ୍ଭ ହୋଇଥିଲା । କୌଳିକ ଓ ପାରମ୍ପରିକ କାର୍ଯ୍ୟ କରୁଥିବା କାରିଗର, ଶିଳ୍ପୀ ଓ ବୁଣାକାରଙ୍କୁ ଆର୍ଥିକ ସହାୟତା ପ୍ରଦାନ ଓ ବଜାର ସୁଯୋଗ ଦେବା ଏହାର ମୁଖ୍ୟ ଉଦ୍ଦେଶ୍ୟ । ୨୦୨୩–୨୪ରୁ ୨୦୨୭-୨୮ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ଯୋଜନା ପାଇଁ ୧୩ ହଜାର କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି । ଯୋଜନାରେ ୧୮ଟି ପାରମ୍ପରିକ ବୃତ୍ତି ସାମିଲ ରହିଛି । ଚଳିତ ବର୍ଷ ଜୁଲାଇ ମାସ ସୁଦ୍ଧା ୨୪ ଲକ୍ଷ ୨୯ ହଜାରରୁ

ଊର୍ଦ୍ଧ୍ୱ ଲାଭାର୍ଥୀ ଯୋଜନା ଅଧୀନରେ ପ୍ରାଥମିକ ପ୍ରଶିକ୍ଷଣ ସମାପ୍ତ କରିଛନ୍ତି। ନୂଆପଡ଼ା ଜିଲ୍ଲାରେ ଏହି ଯୋଜନା ଅନେକ ପାରମ୍ପରିକ ଶିଳ୍ପୀଙ୍କୁ ସୁରକ୍ଷା ପ୍ରଦାନ କରୁଛି। ଜିଲ୍ଲାର ୧୧ ଶହ ଜଣ କାରିଗରଙ୍କୁ ଏଥିରେ ସହାୟତା ପ୍ରଦାନ କରାଯାଇଛି ବୋଲି ଜିଲ୍ଲା ଶିଳ୍ପ ଅଧିକାରୀ ଆନନ୍ଦ କୁମାର ବେହେରା କହିଛନ୍ତି।

**- V/O -**

ପ୍ରଧାନମନ୍ତ୍ରୀ ବିଶ୍ୱକର୍ମା ଯୋଜନାରେ ସାମିଲ ହୋଇ ବ୍ୟବସାୟ ବୃଦ୍ଧି ଓ ଲାଭ ପାଇଥିବା ହିତାଧିକାରୀ ଯୋଗେଶ ପ୍ରତିକ୍ରିୟାରେ କହିଛନ୍ତି।

**-V/O -**

ନୂଆପଡ଼ାରୁ ତପନ ଦାସଙ୍କ ରିପୋର୍ଟ ସହ ଆକାଶବାଣୀ ସମ୍ବାଦ ବିଭାଗ ପକ୍ଷରୁ ମୁଁ ସ୍ମୃତିରେଖା ତାରେଣିଆ

Ganjam

## ମଧ୍ୟସ୍ଥତା ଟ୍ରାଏଲ– ୩.୦

ଅଦାଲତରେ ଦୀର୍ଘଦିନ ଧରି ବିଚାରାଧୀନ ଥିବା ମଧ୍ୟସ୍ଥତା ଯୋଗ୍ୟ ମାମଲାଗୁଡ଼ିକର ଶୀଘ୍ର, ସହଜ ଓ ସୌହାର୍ଦ୍ଦ୍ୟପୂର୍ଣ୍ଣ ସମାଧାନ ଲକ୍ଷ୍ୟରେ ଗତ ୧ ତାରିଖରୁ ଗଞ୍ଜାମ ଜିଲ୍ଲାରେ ମଧ୍ୟସ୍ଥତା ଟ୍ରାଏଲ୍-୩.୦ ଆରମ୍ଭ ହୋଇଛି। 'ବିବାଦ ନୁହେଁ, ସମାଧାନକୁ ବାଛନ୍ତୁ– ମଧ୍ୟସ୍ଥତା ମାଧ୍ୟମରେ ଶୀଘ୍ର ନ୍ୟାୟ ପାଆନ୍ତୁ' ଏହି ବାର୍ତ୍ତା ସହ ସାଧାରଣ ଜନତାଙ୍କୁ ଏହାର ସୁଯୋଗ ନେବାକୁ ଆହ୍ୱାନ ଦିଆଯାଇଛି। ମଧ୍ୟସ୍ଥଙ୍କ ସହଯୋଗରେ ମାମଲାର ଉଭୟପକ୍ଷ ଆଲୋଚନା ମାଧ୍ୟମରେ ନିଜସ୍ୱ ସମ୍ମତିରେ ବିବାଦର ସମାଧାନ

କରିପାରିବେ। ଏହି ଅଭିଯାନରେ ଉଭୟପକ୍ଷ ମଧ୍ୟସ୍ଥତାର ସୁଯୋଗ ନେଇ ନିଜ ବିବାଦର ଶୀଘ୍ର ସମାଧାନ କରିପାରିବେ। ଏହି କାର୍ଯ୍ୟକ୍ରମ ଡିସେମ୍ବର ମାସ ୩୧ ତାରିଖ ପର୍ଯ୍ୟନ୍ତ ଚାଲିବ।

Desk

## ପୁରୀ- ବିମାନବନ୍ଦର

ପୁରୀଠାରେ ପ୍ରସ୍ତାବିତ ଶ୍ରୀଜଗନ୍ନାଥ ଗ୍ରୀନ୍‌ଫିଲ୍ଡ ବିମାନ ବନ୍ଦରକୁ ପରିବେଶ ମଞ୍ଜୁରୀ ପ୍ରଦାନ କରାଯାଇଛି। ଏହାପରେ ଖୁବ୍‌ଶୀଘ୍ର କାର୍ଯ୍ୟ ଆରମ୍ଭ କରାଯିବ ବୋଲି ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା କହିଛନ୍ତି। ପୂର୍ବରୁ ସି.ଆର୍.ଜେଡ୍ ଅନୁମତି ମିଳିସାରିଛି। ବିମାନ ବନ୍ଦର ପ୍ରାଧିକରଣ ଏବଂ ପରିବହନ ଓ ଜଙ୍ଗଲ ବିଭାଗ ପକ୍ଷରୁ ଚୂଡ଼ାନ୍ତ ଅନୁମତି ମିଳିବା ପରେ କାର୍ଯ୍ୟ ଆରମ୍ଭ ହେବ।

Desk

## ଛାତ୍ର ସଂସଦ ନିର୍ବାଚନ

ରାଜ୍ୟର ବିଭିନ୍ନ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ଛାତ୍ର ସଂସଦ ନିର୍ବାଚନ ପାଇଁ ଆଜି ବିଜ୍ଞପ୍ତି ପ୍ରକାଶ ପାଇଛି।  ଆସନ୍ତା ଶୁକ୍ରବାର ଦିନ ନାମାଙ୍କନପତ୍ର ଦାଖଲ ଶେଷ ଦିବସ ଧାର୍ଯ୍ୟ କରାଯାଇଥିବାବେଳେ ଶନିବାର ଦିନ ପ୍ରତ୍ୟାହାର, ୧୪ ତାରିଖରେ ହ୍ୱାଇ ଆଇ ଷ୍ଟାଣ୍ଡ ମିଟିଂ, ୧୫ ତାରିଖରେ ଭୋଟଗ୍ରହଣ ଓ ଗଣତି ଏବଂ ୧୬ ତାରିଖରେ ଶପଥଗ୍ରହଣ ନେଇ କାର୍ଯ୍ୟସୂଚୀ ପ୍ରସ୍ତୁତ ହୋଇଛି। ନିର୍ବାଚନକୁ ଅବାଧ ତଥା ହିଂସାମୁକ୍ତ ମାର୍ଗରେ ପରିଚାଳନା କରିବା ପାଇଁ ଉଚ୍ଚଶିକ୍ଷା ବିଭାଗ ଶାସନ ସଚିବ

ଅରବିନ୍ଦ ଅଗ୍ରୱାଲ ନିର୍ଦ୍ଦେଶ ଦେଇଛନ୍ତି। ଏଥିପାଇଁ ସ୍ୱତନ୍ତ୍ର କମିଟି ଗଠନ, ବାଲାଟ ପେପର ଓ ବାଲାଟ ବକ୍ସ ପ୍ରସ୍ତୁତି ସହ ଅନ୍ୟାନ୍ୟ ନିୟମାବଳୀକୁ କଡ଼ାକଡ଼ିଭାବେ ପାଳନ କରିବାକୁ ସେ ପରାମର୍ଶ ଦେଇଛନ୍ତି।